# କିଏ କହେ ତୁମେ ନାହଁ ବୋଲି ... !

କିଏ କହେ ତୁମେ ନାହଁ ବୋଲି ... !
ତୁମକୁ ମୁଁ ନିତି ଖୋଜେ
ଜହ୍ନିଫୁଲ ହଳଦୀ ଆଖିରେ
ପୁଣିଅବା ଜହ୍ନ ଭିଜା
ଶୀତଳ ଜ୍ୟୋସ୍ନାରେ
ଆଉପୁଣି ତୁମ ଆଖି
ଅଳସ ପତାରେ
ଅବା ପରି ରାଇଜର
ରାଜକନ୍ୟା ନିଟୋଳ ଅଧରେ ।

କିଏ କହେ ତୁମେ ନାହଁ ବୋଲି ... !
ତୁମକୁ ମୁଁ ନିତି ଦେଖେ
ପୂରୁବରେ ନାଲି ସୂରୁଜରେ
ଆଉ ପୁଣି ବରଷାରେ
ନାଲି ଟୁକୁଟୁକୁ ସାଧବ ବୋହୂରେ
କେବେ ପୁଣି ଶରତରେ
ସଫା ସଫା ଜହ୍ନ ଆଲୁଅରେ
ଆଉ ପୁଣି ଅଶିଣର
ଶୀତୁଳିଆ କାକର ସନ୍ଧ୍ୟାରେ
ଆଉ ଅବା ମିଞ୍ଜିମିଞ୍ଜି
ଧ୍ରୁବତାରା ନୀରବ ଆଖିରେ ।

କିଏ କହେ ତୁମେ ନାହଁ ବୋଲି ... !
ତୁମକୁ ମୁଁ ନିତି ଶୁଣେ
ମୋ ମନର ନୀରବ ବୀଣାରେ
କୋଇଲିର କୁହୁ ତାନେ
ସହକାର ବଉଳ ଫାଙ୍କରେ
ବରଷାର ତାଳେ ତାଳେ
ଇନ୍ଦ୍ରଧନୁ ରଂଗ ବର୍ଣ୍ଣାଳୀରେ
ଆଉଅବା ମୌନାବତୀ
ରାଧିକାର ମିଠା ମିଠା ନାଲି ଅଧରରେ

କିଏ କହେ ତୁମେ ନାହଁ ବୋଲି ... !
ତୁମକୁ ମୁଁ ନିତି ଖୋଜେ, ନିତି ଦେଖେ
ନିତି ଶୁଣେ ମୋ ମନର ଅତି ନିକଟରେ
ଆଉ ପୁଣି ଜହ୍ନିଫୁଲ ହଳଦୀ ଆଖିରେ
ଆଉଅବା ରାଧିକାର ମିଠା ମିଠା
ନାଲି ଅଧରରେ ।